[2010] 8 S.C.R.

ଲୁଇ ପିଟର୍ ସୁରିନ୍

ବନାମ

ଝାଡ଼ଖଣ୍ଡ ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 498/2006)

ଜୁଲାଇ 27,2010

[ହର୍ଜିତ୍ ସିଂହ ବେଦି ଏବଂ ସି. କେ. ପ୍ରସାଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973:*

*ଧାରା 482-ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବା ପାଇଁ ଆବେଦନ - ଦୁର୍ନୀତି ନିବାରଣ ଅଧିନିୟମ ଏବଂ ଦଣ୍ଡ ସଂହିତାର ଅନୁଯାୟୀ ଦଣ୍ଡନୀୟ ଅପରାଧ ଘଟାଇଥିବା ଅଭିଯୋଗରେ 1984 ମସିହାରେ ଏତଲା ରୁଜୁ କରାଗଲା - ନଭେମ୍ବର 2001 ରେ ଆରୋପ ପତ୍ର ଦାଖଲ କରାଗଲା - ଡିସେମ୍ବର 2001 ରେ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଏହାକୁ ସଜ୍ଞାନକୁ ନିଆଗଲା - 17 ବର୍ଷ ବିଳମ୍ବ ହୋଇଥିବା କାରଣରୁ ଆପତ୍ତି କରାଗଲା - ଉଚ୍ଚ ନ୍ୟାୟାଳୟ ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଲେ - ରାୟ ଦିଆଗଲା : ସରକାରୀ କର୍ମଚାରୀ 1997 ରେ ଅବସର ନେଇଥିଲେ ଏବଂ ଏପ୍ରିଲ 1984 ରେ ରୁଜୁ ହୋଇଥିବା ଏତଲାରୁ ଉତ୍ପନ୍ନ ହୋଇଥିବା ଏକ ମାମଲାରେ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଚାରି ବର୍ଷ ପରେ ଏହାକୁ ସଜ୍ଞାନକୁ ନିଆଗଲା ଯଦିଓ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରି ନିମିତ୍ତ ଅନୁରୋଧ ଦୁଇଟି ଅବସରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା - ସ୍ୱତନ୍ତ୍ର ତଥ୍ୟକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ନ୍ୟାୟସଙ୍ଗତ ନଥିଲା - ଉଚ୍ଚ ନ୍ୟାୟାଳୟ ଙ୍କ ଆଦେଶକୁ ରଦ୍ଦ କରିଦିଆଗଲା - କାର୍ଯ୍ୟାନୁଷ୍ଠାନ ରଦ୍ଦ - ଭାରତର ସମ୍ବିଧାନ, 1950 - ଅନୁଚ୍ଛେଦ 136 ।*

*ମହେନ୍ଦ୍ର ଲାଲ ଦୁଆ ବନାମ ବିହାର ରାଜ୍ୟ ଏବଂ ଅନ୍ୟମାନେ* **(2001) Supp ( 4) SCR 157 = (2002) 1 SCC 149; ଏବଂ** *ରାମାନନ୍ଦ ଚୌଧୁରୀ ବନାମ ବିହାର ରାଜ୍ୟ ଏବଂ ଅନ୍ୟମାନେ* **(2002) 1 SCC 153, ମାମଲାଗୁଡିକ ଉପରେ ନିର୍ଭର କରଗଲା ।**

**ନଜିର ସୂଚନା :**

**(2001) Supp ( 4) SCR 157 ଅନୁଚ୍ଛେଦ 4 ଉପରେ ନିର୍ଭର କରାଗଲା ।**

**(2002) 1 SCC 153 ଅନୁଚ୍ଛେଦ 4 ଉପରେ ନିର୍ଭର କରାଗଲା ।**

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 498/2006

Crl. M.P. ସଂଖ୍ୟା 1120/2003 ରେ ରାଞ୍ଚି ସ୍ଥିତ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 23.11.2004 ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ବିକାଶ ସିଂହ, ୟୁନୁସ ମଲିକ୍, ରବି କିଶୋର, ସମୀର୍ ମଲିକ୍, ଅମୃତା ନାରାୟଣ, ଶିବଲକ୍ଷ୍ମୀ ଉଦିତା ସିଂହ ଏବଂ ପ୍ରଶାନ୍ତ ଚୌଧୁରୀ ।

ଉତ୍ତରଦାତାଙ୍କ ତରଫରୁ ଗୋପାଳ ପ୍ରସାଦ ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଗଲା

**ଆଦେଶ**

ଏହି ଆବେଦନ ନିମ୍ନୋକ୍ତ ତଥ୍ୟଗୁଡିକରୁ ଉତ୍ପନ୍ନ ହୁଏ :

1983 ମସିହା ଜୁଲାଇ ୪ ତାରିଖରେ ପାଲାମୁ ଉପ ଆୟୁକ୍ତଙ୍କ ଦ୍ୱାରା ଜିଲ୍ଲାରେ କିଛି ଖନନ କାର୍ଯ୍ୟ କରିବା ପାଇଁ ମେସର୍ସ ଭାରତ ଡ୍ରିଲିଂଙ୍କ ସହ ଏକ ରାଜିନାମାକୁ କାର୍ଯ୍ୟକାରୀ କରାଯାଇଥିଲା । ଆବେଦନକାରୀ ସେତେବେଳେ ଜିଲ୍ଲା ଗ୍ରାମୀଣ ବିକାଶ ସଂସ୍ଥା, ପାଲାମୁର ପରିଚାଳନା ନିର୍ଦ୍ଦେଶକ ଭାବରେ ନିଯୁକ୍ତ ହୋଇଥିଲେ ଏବଂ ତାଙ୍କ ବିବୃତି ଅନୁଯାୟୀ ମେସର୍ସ ଭାରତ ଡ୍ରିଲିଂ ସଂସ୍ଥାକୁ ରାଜିନାମା ପ୍ରଦାନ କରିବାରେ ତାଙ୍କର କୌଣସି ଭୂମିକା ନଥିଲା । ଜୁଲାଇ 16, 1983 ତାରିଖର ଆଦେଶ ଅନୁଯାୟୀ ଆବେଦନକାରୀଙ୍କୁ ପରିଚାଳନା ନିର୍ଦ୍ଦେଶକ ପଦରୁ ସ୍ଥାନାନ୍ତର କରାଯାଇଥିଲା ଏବଂ ସେ, ସେହି ଦିନଠାରୁ ଅନ୍ୟ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଭାର ହସ୍ତାନ୍ତର କରିଥିଲେ ।

ତାରିଖ ଜୁଲାଇ ୪, 1983 ରେ ମେସର୍ସ ଭାରତ ଡ୍ରିଲିଂଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଥିବା ଉପ ଆୟୁକ୍ତ ଏବଂ ଜିଲ୍ଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ବିରୋଧରେ ଦୁର୍ନୀତି ନିବାରଣ ଅଧିନିୟମ ଏବଂ ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ତାରିଖ ଏପ୍ରିଲ 14, 1984 ରେ ଏହା ଅଭିଯୋଗ କରି ଏତଲା ରୁଜୁ ହୋଇଥିଲା ଯେ ଉପ ଆୟୁକ୍ତ ଏବଂ ଆବେଦନକାରୀ, ମେସର୍ସ ଭାରତ ଡ୍ରିଲିଂ ଙ୍କୁ ଚୁକ୍ତି ପ୍ରଦାନ

କରିବା ନିମିତ୍ତ ଏକ ଷଡଯନ୍ତ୍ର କରିଥିଲେ । ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକ ଆବେଦନକାରୀଙ୍କ ବିରୋଧରେ ମାମଲା ଚଳାଇବା ପାଇଁ ମଞ୍ଜୁରି ପାଇଁ ବିହାର ରାଜ୍ୟଙ୍କର ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଅଭିଯୁକ୍ତମାନଙ୍କ ମଧ୍ୟରୁ କାହା ବିରୋଧରେ କୌଣସି ପ୍ରଥମ ଦୃଷ୍ଟିଗତ ମାମଲା ରୁଜୁ ହୋଇନଥିବା ଆଧାରରେ ରାଜ୍ୟପାଳଙ୍କ ଦ୍ୱାରା 2 ଫେବୃଆରୀ, 1990 ରେ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ତାରିଖ ଫେବୃଆରୀ 2 1990, ଆଦେଶର ପୁନର୍ବିଚାର ପାଇଁ ମଧ୍ୟ ପୁନର୍ବାର ଅନୁରୋଧ କରାଯାଇଥିଲା, ଯାହା 1992 ମସିହା ଜୁଲାଇ 28 ତାରିଖର ଆଦେଶ ଦ୍ୱାରା ସେହି ଏକା କାରଣରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, ଆବେଦନକାରୀ, ତାରିଖ ଡିସେମ୍ବର 1 1997 ମସିହା ରେ ସେବାରୁ ଅବସର ଗ୍ରହଣ କରିଥିଲେ । ତାରିଖ ଜୁନ୍ 16 1999 ମେସର୍ସ ଭାରତ ଡ୍ରିଲିଂ ଏବଂ ବିହାର ସରକାରଙ୍କ ମଧ୍ୟରେ ବିବାଦକୁ ତତ୍କାଳୀନ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟକୁ ମଧ୍ୟସ୍ଥତା ପାଇଁ ପଠାଯାଇଥିଲା, ଯିଏ ମେସର୍ସ ଭାରତ ଡ୍ରିଲିଂ ସପକ୍ଷରେ ଏକ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ, ଯାହାଦ୍ୱାରା ଏହି ପ୍ରସଙ୍ଗର ସମାଧାନ ଏହାର ସପକ୍ଷରେ ହୋଇଥିଲା । ଯାହା ଘଟିଥିଲା ତାହା ସ୍ପଷ୍ଟ ଭାବରେ ବିରକ୍ତିକର ଥିଲା ଏବଂ ଆବେଦନକାରୀ ଇତି ମଧ୍ୟରେ ଅବସର ନେଇ ସାରିଥିବାରୁ ଏହାର ଲାଭ ଉଠାଇ ଏବଂ ଅଭୋଯୋଜନ ନିମିତ୍ତ ମଞ୍ଜୁରି ଆବଶ୍ୟକ ନଥିଲା , ତେଣୁ ଏକ ଅଭିଯୋଗ ପତ୍ର ମଞ୍ଜୁରି ର ସୁଯୋଗ ବ୍ୟତିରେକ 9 ନଭେମ୍ବର 2001 ରେ ଦାଖଲ କରଗଲା । ଏହାପରେ 13 ଡିସେମ୍ବର, 2001ରେ ରାଞ୍ଚିର ସ୍ୱତନ୍ତ୍ର ବିଚାରପତି ଏହି ମାମଲାକୁ ସଜ୍ଞାନକୁ ନେଇଥିଲେ । ସ୍ୱତନ୍ତ୍ର ବିଚାରପତିଙ୍କ ଆଦେଶକୁ ଉଚ୍ଚ ନ୍ୟାୟାଳୟ ରେ ଆପତ୍ତି କରାଯାଇଥିଲା ଯାହା ନଭେମ୍ବର 23 , 2004 ରେ ଏହାର ଆଦେଶ ଦ୍ୱାରା ଆପତ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଉପରୋକ୍ତ ପରିସ୍ଥିତିରେ ଏହି ଆବେଦନରେ ମାମଲା ଆମ ସମ୍ମୁଖରେ ଅଛି ।

ଆବେଦନକାରୀଙ୍କ ବିଦ୍ୱାନ ବରିଷ୍ଠ ପରାମର୍ଶଦାତା ଶ୍ରୀଯୁକ୍ତ ବିକାଶ ସିଂହ ଆଜି ଆମ ସମ୍ମୁଖରେ ମୁଖ୍ୟତଃ ଗୋଟିଏ ଆବେଦନ ଉଠାଇଛନ୍ତି । ସେ ଦର୍ଶାଇଛନ୍ତି ଯେ ଏତଲା ରୁଜୁ ହେବାର ସତର ବର୍ଷ ଛଅ ମାସ ପରେ ଏବଂ ଆବେଦନକାରୀ ସେବାରୁ ଅବସର ନେବାର ପ୍ରାୟ ଚାରି ବର୍ଷ ପରେ ଏବଂ (2002) 1 SCC 149 (ମହେନ୍ଦ୍ର ଲାଲ ଦୁଆ ବନାମ ବିହାର ରାଜ୍ୟ ଏବଂ ଅନ୍ୟମାନେ ) ଏବଂ (2002) 1 SCC 153 (ରାମାନନ୍ଦ ଚୌଧୁରୀ ବନାମ ବିହାର ରାଜ୍ୟ ଏବଂ ଅନ୍ୟମାନେ) ଏହି ନ୍ୟାୟାଳୟଙ୍କ ର ରାୟ ର ଆଧାରରେ ଏହା ଗ୍ରହଣ ଯୋଗ୍ୟ ନଥିଲା ଏବଂ ବିଳମ୍ବ ଓ ପୁରୁଣା ବୋଲି କାର୍ଯ୍ୟାନୁଷ୍ଠାନଗୁଡିକ ରଦ୍ଦ ହେବାର ଯୋଗ୍ୟ ଥିଲା । ସେ ଆଲୋକପାତ କରିଛନ୍ତି ଯେ ରାଜ୍ୟ

ସରକାର ଦୁଇଥର ମଞ୍ଜୁରିକୁ ପ୍ରତ୍ୟାଖ୍ୟାନ କରିବା ପରେ, ଏହି ଆଧାରରେ ଯେ କୌଣସି ପ୍ରାଥମିକ ଦୃଷ୍ଟିଗତ ଆଧାର ଏଠାରେ ନାହିଁ, ତେଣୁ କେବଳ ଆବେଦନକାରୀ ଏହି ସମୟରେ ଅବସର ନେଇଥିଲେ ଏବଂ ତା ଛଡା ଏହି ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ ଯାହା ଏପରି ଏକ କାରଣ ଥିଲା ଯାହା ଏତେ ଦୀର୍ଘ ବିଳମ୍ବ ପରେ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ସାବ୍ୟସ୍ତ କରାଯାଇପାରିଲା ନାହିଁ।

ତେବେ ଝାଡ଼ଖଣ୍ଡ ରାଜ୍ୟ ତରଫରୁ ବିଦ୍ୱାନ ପରାମର୍ଶଦାତା ସ୍ୱତନ୍ତ୍ର ବିଚାରପତି ଏବଂ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ସମର୍ଥନ କରିଛନ୍ତି ଏବଂ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଏହାର ଉପଯୁକ୍ତ ଦୃଷ୍ଟିକୋଣରେ ବିଚାର କରିନଥିଲେ, ଯେତେବେଳେ ଏହା ଦୁଇଟି ଅବସରରେ ମଞ୍ଜୁରିକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଶ୍ରୀଯୁକ୍ତ ବିକାଶ ସିଂହଙ୍କ ଦ୍ୱାରା ଉଦ୍ଧୃତ ରାୟରୁ ଆମେ ଦେଖୁ ଯେ ସେମାନେ ବର୍ତ୍ତମାନର ତଥ୍ୟ ସହିତ ଅନୁରୂପ ତଥ୍ୟ ଉପରେ ଆଗକୁ ବଢନ୍ତି ।ଉଭୟ ମାମଲାରେ ତେର ବର୍ଷ ବିଳମ୍ବ ପରେ ମଞ୍ଜୁରି ପ୍ରଦାନ କରାଯାଇଥିଲା ଯେତେବେଳେ କି ସମ୍ପୃକ୍ତ ଅଧିକାରୀମାନେ ରାଜ୍ୟ ସରକାରଙ୍କ ଅଧୀନରେ ସେବାରେ ଥିଲେ । ଆମ ସମ୍ମୁଖରେ ଥିବା ମାମଲାରେ ଆମେ ଦେଖୁଛୁ ଯେ ଆବେଦନକାରୀ 1997 ରେ ଅବସର ନେଇଥିଲେ ଏବଂ ଏପ୍ରିଲ 1984 ରେ ରୁଜୁ ହୋଇଥିବା ଏତଲାରୁ ଉତ୍ପନ୍ନ ହୋଇଥିବା ଏକ ମାମଲାରେ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଚାରି ବର୍ଷ ପରେ ଏହାକୁ ସଜ୍ଞାନକୁ ନିଆଗଲା ଯଦିଓ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରି ନିମିତ୍ତ ଅନୁରୋଧକୁ ଦୁଇଟି ଅବସରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହି ସ୍ୱତନ୍ତ୍ର ତଥ୍ୟକୁ ଦୃଷ୍ଟିରେ ରଖି ଆମର ମତ ହେଉଛି ଯେ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଯଥାର୍ଥ ନୁହେଁ ।

ତେବେ ଆମେ ସ୍ପଷ୍ଟ କରିପାରୁ ଯେ ଏହି ରାୟର ଅର୍ଥ ଏପରି ହେବା ଉଚିତ ନୁହେଁ ଯେ ଯେଉଁ କ୍ଷେତ୍ରରେ ଜଣେ କର୍ମଚାରୀ ଇତିମଧ୍ୟରେ ଅବସର ଗ୍ରହଣ କରିଛନ୍ତି, ସେହି କ୍ଷେତ୍ରରେ ମଞ୍ଜୁରି ଆବଶ୍ୟକ ହେବ ।

ତଦନୁସାରେ ଆମେ ଏହି ଆବେଦନକୁ ଅନୁମତି ଦେଉ , ଆକ୍ଷେପିତ ଆଦେଶକୁ ଖାରଜ କରୁ ଏବଂ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରୁ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।